# ବାଲିଯାତ୍ରା ପାଇଁ ଜାରିହେଲା ଟ୍ରାଫିକ୍ କଟକଣା

॥ ପ୍ରଭାନ୍ୟୁଜ ॥ କଟକ, ୧୨।୧୧: ଚଳିତ ବାଲିଯାତ୍ରା ମହୋତ୍ସବ ପାଇଁ କମିଶନରେଟ ପୁଲିସ ପକ୍ଷରୁ ଆଜିଠାରୁ ଠାରୁ ୧୯ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୩ଟାରୁ ରାତି ୧ଟା ବା ଭିଡ ଭାଙ୍ଗିବା ପର୍ଯ୍ୟନ୍ତ ଟ୍ରାଫିକ କଟକଣା ଜାରି ରହିବ । ପୁଲିସ ମୁଖ୍ୟାଳୟ ଗେଟଆଡୁ ଆସୁଥିବା ଗାଡିଗୁଡିକ ଚିଫ ଜଷ୍ଟିସ ବଙ୍ଗଳା ଛକଠାରୁ ଡାହାଣକୁ ଭାଙ୍ଗି କରମଙ୍ଗା ମଠ ରାସ୍ତା ଦେଇ ମହାନଦୀ ରିଙ୍ଗରୋଡକୁ ବାହାରିବେ, ମଣିସାହୁଛକ ଏବଂ ମସ୍ତାନ ଦରଘା ଆଡୁ ଆସୁଥିବା ଯାନବାହାନ ଗଡଡଗଡା ଛକଠାରୁ ଡାହାଣକୁ ଭାଙ୍ଗି ରିଙ୍ଗରୋଡ୍‌କୁ ବାହାରିବେ ଓ ମାତାମଠ ଆଡୁ ଆସୁଥିବା ଯାନବାହାନଗୁଡିକ ମୁଣ୍ଡାସାହି ଛକଠାରୁ ଡାହାଣକୁ ନଯାଇ ସିଧା ରିଙ୍ଗରୋଡରେ ଆସି ନିର୍ମାଣାଧିନ ଡିସିପି ଅଫିସ ସାମନା ଗଡାରେ ଗଡି ବାଲିଯାତ୍ରା ପଡିଆରେ ଥିବା ଷ୍ଟାଣ୍ଡରେ ଗାଡି ରଖିବେ । ବାହାରିବା ବେଳେ ହାଡିଆ ପଠା ଭିତରେ ଯାଇ ସିସୋର ରାସ୍ତା ଦେଇ ମାତାମଠ ଆଡେ ଯାଇପାରିବେ । ସେହିପରି ହରିଣ ପାର୍କ ଛକରୁ ଆସୁଥିବା ଦୁଇ ଚକିଆ ଯାନଗୁଡିକ କ୍ୟାଣ୍ଟନମେଣ୍ଟ ଥାନା ସମ୍ମୁଖରେ ଯାଇ ବାଲିଯାତ୍ରା ପଡିଆରେ ଥିବା ଷ୍ଟାଣ୍ଡରେ ଗାଡି ରଖିପାରିବେ କିନ୍ତୁ ହରିଣପାର୍କ ବା ମଧୁସୂଦନ ନଗର ଓ ବିକୁ ପଟ୍ଟନାୟକ ଛକଠାରୁ ମଧୁସୂଦନ ନଗର ଆଡକୁ ଆସୁଥିବା ତିନି ଚକିଆ ଓ ଚାରି ଚକିଆ ଯାନଗୁଡିକ ଆନନ୍ଦଭବନ ସମ୍ମୁଖରେ ଥିବା ଷ୍ଟାଣ୍ଡରେ ଗାଡି ରଖିବେ । ଚଣ୍ଡିଛକ ଆଡୁ ଆସୁଥିବା ଯାନବାହାନ ପିଏଚଡି ଅଫିସ ଛକଠାରୁ ବାମକୁ ବୁଲିବେ, ବକ୍ସିବଜାର ଓ ସମାଜ ଅଫିସ ଆଡୁ ଆସୁଥିବା ଗାଡି ନାରୀସେବା ସଦନ ଛକଠାରୁ ବାମ ପଟକୁ ଭାଙ୍ଗି କଳାବିକାଶ କେନ୍ଦ୍ର ରାସ୍ତାରେ ଯାଇ ପିଏଚଡି ଅଫିସ ପାଖରେ ବାମକୁ ବୁଲିବେ । ବକ୍ସିବଜାର ପୁଲିସ ଲାଇନ ଆଡୁ ଆସୁଥିବା ଗାଡିଗୁଡିକ ଓପିଏ ଛକଠାରୁ ବାମକୁ ଭାଙ୍ଗି ନାରୀସେବା ସଦନ ହନୁମାନ ଛକଠାରୁ ଡାହାଣ ପଟ ରାସ୍ତା ଦେଇ କେବିକେ ରୋଡରେ ଯିବେ ଓ ବିକୁ ପଟ୍ଟନାୟକ ଛକଠାରୁ ଆସୁଥିବା ସମସ୍ତ ଯାନବାହାନ ଦୟାଶ୍ରମ ରୋଡରେ ଯାଇ ଦୟାଶ୍ରମ ସାମନା ଷ୍ଟାଣ୍ଡରେ ପାର୍କିଂ କରିପାରିବେ । ଆନନ୍ଦ ଭବନ ଛକରୁ କେବଳ କଟକ କ୍ଲବ କାର୍ଡ ହୋଲଡର ବା ପାସ ପାଇଥିବା ବ୍ୟକ୍ତି ଫୋର୍ଟ ଗେଟ ପର୍ଯ୍ୟନ୍ତ ଯାଇପାରିବେ । ଫୋର୍ଟ ଗେଟରୁ କୌଣସି ଯାନବାହାନ ବାଲିଯାତ୍ରା ପଡିଆ ଓ ଡିଆଇ ଅଫିସ ଛକରୁ କୌଣସି ଗାଡି ଷ୍ଟାଡିୟମ ଆଡକୁ ଯାଇପାରିବେ ନାହିଁ । ସେହିପରି ପାସ ପାଇଥିବା ବ୍ୟକ୍ତିବିଶେଷ ଅପରାହ୍ନ ୩ଟା ପରେ ବାଲିଯାତ୍ରା ପଡିଆ ଭିତରକୁ ଯାଇପାରିବେ ନାହିଁ ଓ ସେମାନେ ପାଖରେ ଥିବା ଷ୍ଟାଣ୍ଡରେ ଗାଡି ରଖି ବାଲିଯାତ୍ରାକୁ ଯାଇପାରିବେ ବୋଲି କମିଶନରେଟ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ସଂକଳ୍ପ ପକ୍ଷରୁ ଦସ୍ତଖତ ଅଭିଯାନ

॥ ପ୍ରଭାନ୍ୟୁଜ ॥ କଟକ, ୧୨।୧୧: ବାରବାଟୀ ଷ୍ଟାଡିୟମ ଛକ ନିକଟରେ ଯୁବ ସଂଗଠନ 'ସଂକଳ୍ପ' ପକ୍ଷରୁ ଆଜି ସକାଳ ୭ ଟା ସମୟରେ ନୂତନ ମଟରଯାନ ଆଇନ-୨୦୧୯ରେ ବର୍ଦ୍ଧିତ ଜୋରିମାନା ପ୍ରତ୍ୟାହାର କରିବା, କଟକ ସହରର ସମସ୍ତ ରାସ୍ତାଘାଟ ଅବିଳମ୍ବେ ମରାମତି କରିବା, ମଦକୁ ସଂପୂର୍ଣ୍ଣ ନିଷେଧ କରିବା ଦାବିରେ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ କରାଯାଇଥିଲା । ଏହି ଦସ୍ତଖତ କରାଯାଇଥିବା ଫ୍ଲେକ୍ସଟିକୁ ରାଜ୍ୟ ସରକାରଙ୍କୁ କଟକ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ । କଟକ ସହରବାସୀ ତାଙ୍କର ଦସ୍ତଖତ ମାଧ୍ୟମରେ ନିଜର ବିଚାର ପ୍ରକଟ କରି ସରକାରଙ୍କୁ ଜଣାଇବାକୁ ଚାହିଁଥିଲେ ଯେ ସରକାର ମୋଟରଯାନ ଆଇନକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ତାହା ସଂପୂର୍ଣ୍ଣ ଜନବିରୋଧୀ । ଜାଇକା ପ୍ରକଳ୍ପ ପାଇଁ ସମସ୍ତ ରାସ୍ତାଗୁଡିକ ମରାମତି ନହେବା ଫଳରେ କଟକ ସହରବାସୀ ଅତିଷ୍ଠ ହେବା ସହିତ ଦୀର୍ଘ ଦିନଧରି ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଜାଇକା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତୁରନ୍ତ ରାସ୍ତାଘାଟ ମରାମତି କରାଯାଉ ଏବଂ ମଦ ଓ ମାଦକ ଦ୍ରବ୍ୟର ସଂପୂର୍ଣ୍ଣ ନେଷଧ କରିବାକୁ ପାଇଁ କଟକ ସହରବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା । କଟକ ସହରବାସି ଡଙ୍ଗା ଭସାଇ ଆସି ଏହି ଆହ୍ୱାନ କ୍ରମେ ସେମାନ ଶହ ଶହ ସଂଖ୍ୟାରେ ଦସ୍ତଖତ ପ୍ରଦାନ କରିଥିଲେ । ସଂକଳ୍ପର କର୍ମକର୍ତା ରଶ୍ମିରଂଜନ ନାୟକ, ଆର୍ଯ୍ୟଭଟ୍ଟ ଭରଦ୍ୱାଜ, ପାଭେଲ ପ୍ରିୟଦର୍ଶନ, ପ୍ରତାପ କୁମାର ମିଶ୍ର, ସିଦ୍ଧାର୍ଥ ଭରଦ୍ୱାଜ, କବିତା ସେନାପତି, ଶୁଭ୍ରା ରାୟ, ଆଡଭୋକେଟ କବିର ଜେନା, ପ୍ରତାପ ଚନ୍ଦ୍ର ମିଶ୍ର ଓ ପ୍ରଶାନ୍ତ କୁମାର ଦାଶ, ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

କଟକରେ ବୋଇତ ବନ୍ଦାଣ ଉତ୍ସବ

# ମହାନଦୀ ଗର୍ଭରେ ଥିବା ଅମଙ୍ଗେଇ କୁଦରେ ୧୦ମ ବିଶ୍ୱଶାନ୍ତି ଯଜ୍ଞ

॥ ପ୍ରଭାନ୍ୟୁଜ ॥ ଆଠଗଡ, ୧୨।୧୧: ଆଠଗଡ ବ୍ଲକ ଅନ୍ତର୍ଗତ କନ୍ଦରପୁର ଠାରେ ମହାନଦୀ ଗର୍ଭରେ ଥିବା ଅମଙ୍ଗେଇଙ୍କ କୁଦରେ ଆଜି ୧୦ମ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରଭୁ ଧବଳେଶ୍ୱରଙ୍କ ଭଳି ମହାନଦୀ ଗର୍ଭରେ ଥିବା ଆଉ ଏକ କୁଜ ଯାହାକି ଅମେଙ୍ଗେଇ କୁଦ ନାମରେ ପରିଚିତ ଏବଂ ସେଠାରେ ଅମଙ୍ଗେଇ ଠାକୁରାଣୀ ପୁଜା ପାଇଥାନ୍ତି । ଠାକୁରାଣଙ୍କ ଦର୍ଶନ ସହିର କୁଦ ବୁଲିବାକୁ ଭକ୍ତ ମାନେ ଆସିଥାନ୍ତି ଏଠାରେ ଭକ୍ତଙ୍କ ସୁରକ୍ଷା ତଥା ମାଙ୍କର ବିଧିବଦ୍ଧ ପୁଜାର୍ଚ୍ଚନା ଏବଂ ପୀଠରେ ପିଇବା ପାଣିର ବ୍ୟବସ୍ଥା ନିମନ୍ତେ ପୁଜକ ସମାଜ ଏବଂ କନ୍ଦରପୁର ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ବ୍ଲକ ପ୍ରଶାସନ, ସ୍ଥାନିୟ ବିଧାୟକ ତଥା କେନ୍ଦ୍ର ମନ୍ତ୍ରୀ ଉପଜିଲ୍ଲାପାଳ ତଥା ଦେବ-ର ଅଧିକାରୀଙ୍କୁ ବହୁବାର ଜଣାଇଲେ ମଧ୍ୟ ଅଦ୍ୟାବଧି ଅସହଯୋଗ କରି ଆସିଛି ବ୍ଲକ ପ୍ରଶାସନ । ଏହା ସ୍ୱ- ପ୍ରତ୍ୟକ କାର୍ତ୍ତୀକ ପୁର୍ଣ୍ଣିମାରେ ଏଠାରେ ଏକ ବିଶ୍ୱଶାନ୍ତି ଯଜ୍ଞ କରାଯାଏ । ସେହିଭଳି ଆଜି ମଧ୍ୟ ପ୍ରଶାସନର ଅସହଯୋଗରେ କନ୍ଦରପୁର ଗ୍ରାମବାସୀ, ପୁଜକ ସମାଜ ଏବଂ ସାଂସ୍କୃତିକ ଅନୁଷ୍ଠାନର ମିଳିତ ଉଦ୍ୟମରେ ମାଙ୍କ ପାଖରେ ବିଶ୍ୱଶାନ୍ତି ଯଜ୍ଞ କରାଯିବା ସହିତ ଏକ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା । ଏଠାକୁ ଆସିଥିବା ହଜାର ହଜାର ଭକ୍ତ ମଟର ଚାଳିତ ଡଙ୍ଗା ସାହାର୍ଯ୍ୟରେ କୁଦକୁ ଯାଇ ମାଙ୍କ ଦର୍ଶନ କରିବା ସହିତ ଭଜନର ମଜା ଉଠାଇଥିଲେ । ଭୀଡକୁ ନଜରରେ ରଖି ଶାନ୍ତି ଶୃଙ୍ଖଳା ନିମନ୍ତେ ଗ୍ରାମବାସୀ ମାନଙ୍କ ପକ୍ଷରୁ ପୋଲିସ ପ୍ରଶାସନକୁ ନିବେଦନ କରିବାରେ ପୋଲିସ ପ୍ରଶାସନ କେବଳ ଜଣେ କନେଷ୍ଟବଳ ସହିତ ୭/୮ଜନ ଗୃହରକ୍ଷୀଙ୍କୁ ପଠାଇ ଦେଇ ନିଜ କାମସାରି ଦେଇଥିଲା ସେହିଭଳି ଭୀଡର ଖବର ପାଇ କର୍ମକର୍ତ୍ତାଙ୍କ ବହୁ ବାର ଡାକରିବାରେ ଅଗ୍ନିସେବା ସଂସ୍ଥା ପକ୍ଷରୁ ଦୁଇଟି ମଟର ଚାଅଳିତ ବୋଟ ପଠାଯାଇଥିଲା । ଏ ସମସ୍ତ ବ୍ୟବସ୍ଥା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ ହୋଇଥିଲା । ଏଠାରେ ପ୍ରକାଶ ଯେଗ୍ୟ କୁଦରେ ପାନୀୟ ଜଳର ବ୍ୟବସ୍ଥା ନିମନ୍ତେ ଦୁଇ ବଦ୍ୟାନ ବ୍ୟକ୍ତି ପୀଠରେ ନଳକୂ' ଖନନ ଏବଂ ପାଣି ଉଠାଣ ନିମନ୍ତେ ମଟରର ଦାନ କରିଛନ୍ତି ମାତ୍ର ବିଦ୍ୟୁତ ଅଭାବରୁ ଏହା ପଡି ରହିଛି । ପୀଠରେ ବିଦ୍ୟୁତ ସଂଯୋଗ ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ ବିଭାଗ ତଥା ସ୍ଥାନିୟ ବିଧାୟକଙ୍କୁ ବହୁବାର ଆବେଦନ କରାଗଲେ ମ୍ନ କୌଣଷି ସୁଫଳ ମିଳୁନଥିବା ମାଙ୍କ ପୁଜକ ସମାଜର ସଭାପତି ବିଜୟ କୁମାର ରଣା ପ୍ରକାଶ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ କୃଷ୍ଣ ଚନ୍ଦ୍ର ରଣା, ସଦାନନ୍ଦ ରଣା, ଚିନ୍ତାମଣି ରଣା, ଦେବାଶିଷ ମହାପାତ୍ର ସରପଂଚ ପରମାନନ୍ଦ ବେହେରା ଙ୍କ ସମେତ ବିଶ୍ଟ ରଂଜନ ମଲ୍ଲିକ, ଜୟନ୍ତ ପ୍ରଧାନ, ନରେଶ ସାହୁ, ଜଗନାଥ ରାଉତ,ଉଦୟନାଥ ସାହୁ ଏବଂ ପ୍ରଫୁଲ କୁମାର ସାହୁ ପ୍ରମୁଖ ସହଯୋଗ ଦେଇଥିଲେ । ସେହିଭଳି ଆଜି ପୁର୍ଣ୍ଣମାରେ ସକାଳୁ ସକାଳୁ ସହର ମ୍ନରେ ଥିବା ସମସ୍ତ ଦେବାଦେବୀ ମନ୍ଦିରରେ ଭୀଡ ଲାଗିଥିଲା । ଭକ୍ତ ମାନେ ଧର୍ମ ମାସର ଶେଷ ଦିନରେ ନିଜ ନିଜ ଡଙ୍ଗା ଭସାଇ ମନ୍ଦିର ମାନ ବୁଲି ଦେବାଦେବୀଙ୍କ ଦର୍ଶନ କରିବା ସହିତ ଆର୍ଶୀବାଦ ଭୀକ୍ଷା କରୁଥିବା ଦେଖିବାକୁ ମିଳିଥିଲା । ଏହା ସହିତ ବିଭିନ୍ନ ମନ୍ଦିର କିମିଟି , ଯୁବକ ସଂଘ, ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ଖିରୀ, ଖିରା, ମିଠା, ଖେଚୋଡି ପଭୃତି ଭୋଗ କରାଯାଇ ଭକ୍ତ ମାନଙ୍କୁ ବଣ୍ଟା ଯାଉଥିଲା ଯାହାକି ଭକ୍ତଗଣ ପ୍ରସାଦ ପାଇ ବେଶ ଆନନ୍ଦିର ସହିତ ବୁଲୁଥିବାର ଦେଖିବାକୁ ମିଳିଥିଲା ।

# କଡେଇ ଝାଡେଶ୍ୱର ପୀଠରେ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ

॥ ପ୍ରଭାନ୍ୟୁଜ ॥ ଟାଙ୍ଗୀ, ୧୨।୧୧: ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଉଜପଦା ପଞ୍ଚାୟତ କଡେଇ ଗ୍ରାମରେ ଥିବା ମହାପ୍ରଭୁ ଝାଡେଶ୍ୱରଙ୍କ ପୀଠରେ ୨ଟି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣମି ଅବସରରେ ସରପ- ବିରଜା ପ୍ରସାଦ ରାଉତ ଚତୁଃର୍ଦ୍ଦଶ ଅର୍ଥ କମିଶନ ଓ ପଞ୍ଚାୟତ ପାଣ୍ଠିରୁ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମନ୍ଦିର ଅଗଣାର ପୁନଃ ଉଦ୍ଧାର ଓ ଉନ୍ନତି କରଣର ଶୁଭ ଶିଳାନ୍ୟାସ କରିବା ସହ ଏକ ହାଇମାଷ୍ଟ ଲାଇଟ୍‌କୁ ଉଦ୍‌ଘାଟନ କରିଥିଲେ । ତାଙ୍କ ସହ ଅତିଥିଭାବେ ସମିତି ସଭ୍ୟ ସ୍ୱେତାମ୍ବର ସ୍ୱାଇଁ, ଶ୍ୟାମସୁନ୍ଦର ସ୍ୱାଇଁ, ପ୍ରଦୋଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜେଶ ଚାତାର, ଦୁଃଶାସନ ବରାଳ, ହରି ପଟ୍ଟନାୟକ, ଚକ୍ରଧର ମଲ୍ଲିକ, କେଶବ ବେହେରା, କୈଳାସ ଚନ୍ଦ୍ର ସାହୁ, ଅକ୍ଷୟ ଲେଙ୍କା, ସାନ୍ତନୁ ପ୍ରସାଦ ମହାନ୍ତି, ଅମୀୟ ଗୋଛାୟତ, କରୁଣାକର ଦାସ, ଆଇନଜୀବୀ ଜତିନ୍ଦ୍ର ମହାନ୍ତି, ସିତାକାନ୍ତ ମହାନ୍ତି ପ୍ରମୂଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ତିଗିରିଆ ଲୋଭୀ ଠାକୁରାଣୀଙ୍କ ନିକଟରେ ୨୦ ହଜାର ଶିଶୁଙ୍କ ମୁଣ୍ଡନ

॥ ପ୍ରଭାନ୍ୟୁଜ ॥ ଆଠଗଡ, ୧୨।୧୧: ରାଜା ରାଜୁଡା ଅମଳରୁ ତିଗିରିଆ ବିନ୍ଧାଣିମା ଗ୍ରାମରେ ଚାଲି ଆସୁଥିବା କାର୍ତ୍ତୀକ ପୁର୍ଣ୍ଣମାରେ ମା ଲୋଭୀ ଠାକୁରାଣୀଙ୍କ ଯାତ୍ରା ଆଜି ବେଶ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି । ଏହା ସହିତ ଆଜି ୨୦ହଜାରରୁ ଉର୍ଦ୍ଧ ପିଲାମାନଙ୍କର ମୁଣ୍ଡନ କରାଯାଇଥିବା ମନ୍ଦିର କମିଟି ପକ୍ଷରୁ କୁହାଯାଇଛି । ପୁରୁଣା ଲୋକ କଥା ଅନୁଯାଇ ୧୯୬୦ ମସିହାରେ ଜୈନକ ବୃଦ୍ଧା ବାହରୁ ଆସି ବିନ୍ଧାଣିମା ଗ୍ରାମରେ ରହିବାକୁ ଲାଗିଲେ ଏବଂ ସେ ସେଠାରୁ ଆଣିଥିବା ମାଙ୍କର ମୂର୍ତ୍ତୀକୁ ଘରେ ରଖି ପୁଜାର୍ଚ୍ଚନା କଲେ ଉକ୍ତ ବୃଦ୍ଧାଙ୍କ ମୃତ୍ୟୁ ପରେ ସେ ରହିଥିବା ଘରର ମାଲିକ ଗ୍ରାମବାସୀଙ୍କୁ ଏ କଥାକୁ ଜଣାଇବା ସହିତ ପୁଜାର୍ଚ୍ଚନା କରିବାକୁ ଲାଗିଲେଅ । ଗ୍ରାମ ତଥା ଅଞ୍ଚଳରେ ଥିବା ନିଃ ସନ୍ତାନ ମା ମାନେ ଠାକୁରଣୀଙ୍କ ନିକଟରେ ମାନସିକ କରିବାରେ ସେମାନଙ୍କ ସନ୍ତାନ ପ୍ରାପ୍ତି ହେବା ଏବଂ ନିରୋଗୀ ରହିବା କଥା ଆସ୍ତେ ଆସ୍ତେ ପ୍ରଘଟ ହେବାରେ ଲାଗିଲା । ଆସ୍ତେ

ଠାକୁରାଣିଙ୍କ ନିକଟକୁ ଭକ୍ତ ମାନେ ଆସିବାରେ ଗ୍ରାମବାସୀଙ୍କ ପକ୍ଷରୁ ଠାକୁରାଣିଙ୍କ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ ଯାହାକି କେବଳ କାର୍ତ୍ତୀକ ପୁର୍ଣ୍ଣିମା ଦିନ ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଥାଏ । ଏବଂ ବର୍ଷ ତମାମ ସାଧାରଣ ଦର୍ଶନ ବନ୍ଦ ରହିଥାଏ । ଏହି ପ୍ରଥା ଆଜି ମଧ୍ୟ ଏଠାରେ ଦେଖାଯାଏ ପ୍ରତ୍ୟକ ବର୍ଷ ଏହି ଦିନ ପିତା ମାତା ମାନେ ନିଜ ପିଲାମାନଙ୍କର ସୁସ୍ଥ ନିରାମୟ ଜୀବନ କାମନା କରି ଅଥବା ସନ୍ତାନ ଆଶାରେ ଏଠାକୁ ଆସି ମାନସିକ ରଖିବା ସହିତ ନିଜ ପିଲାକୁ ୧ ବର୍ଷ ହେବା ପରେ ମା ଲୋଭୀଙ୍କ ନକଟକୁ ଆଣି ପିଲା ମାନଙ୍କ ଚୁଟି ପକାଇ ଥାନ୍ତି । ଏହା ଫଳରେ ମନସ୍କାମନା ପୁରଣ ହେବା ସହିତ ପିଲାଙ୍କର ପ୍ରତ୍ୟକ କ୍ଷେତ୍ରରେ ଉନ୍ନତି ହୋଇଥାଏ ବୋଲି ଆସିଥିବା ଶ୍ରଦ୍ଧାଳୁ ମାନେ ପ୍ରକାଶ କରନ୍ତି । ଏହି କ୍ରମରେ ମାନସିକ କରିଥିବା ବାପା ମା ମାନେ ନିଜ ନିଜ ସନ୍ତାନ ସନ୍ତତି ମାନଙ୍କୁ ସାଙ୍ଗରେ ଧରି ଏଠାକୁ ଆସିବା ସହିତ ଭୋର ୪ଟାରୁ ନିଜ ପିଲା ମାନଙ୍କର ମୁଣ୍ଡନ କରି ନିକଟରେ ଥିବା କୁସୁନ୍ଦା ପୋଖରିରେ ଗାଧୋଇ ମା ଲୋଭୀ ଠାକୁରଣୀଙ୍କ ଦର୍ଶନ ଓ ଭୋଗରାଗ କରି ଆର୍ଶୀବାଦ ଭୀକ୍ଷା କରିଛନ୍ତି । ଆଜି ଅନୁନ୍ୟ ୨୦ହଜାରରୁ ଉର୍ଦ୍ଧ ପିଲାଙ୍କ ମୁଣ୍ଡନ କରାଯାଇଥିବାର କମିଟି ପକ୍ଷରୁ କୁହାଯାଇଛି । ଭୀଡକୁ ନଜରରେ ରଖି ବ୍ଲକ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । କୌଣସି ଅପ୍ରତିକର ପରିସ୍ଥିତି ଉପୁଜି ନଥିବା ତିଗିରିଆ ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

# ବିରୂପା ବୋଇତ ବନ୍ଦାଣ ଓ ଚୌଦ୍ୱାର ସମ୍ମାନ ଉତ୍ସବ

॥ ପ୍ରଭାନ୍ୟୁଜ ॥ ଚୌଦ୍ୱାର, ୧୨।୧୧:ଚୌଦ୍ୱାର ଆଂଚଳିକ ପେଶାଦାର ସାମ୍ବାଦିକ ସଂଘ ଅନୁକୁଲ୍ୟରେ ଆୟୋଜିତ ବିରୂପା ବୋଇତ ବନ୍ଦାଣ ଓ ଚୌଦ୍ୱାର ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରାକ୍ତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓଡିଆଙ୍କର ନୌବାଣିଜ୍ୟ ଚୌଦ୍ୱାର ସହ କଣ ସମ୍ପର୍କରହିଛି ଏହାର ଐତିହାସିକ ପରଷ୍ଠଭୂମିର ବାସ୍ତବ ତଥ୍ୟକୁ ସାମନାକୁ ଆଣିବାକୁ ପ୍ରକାଶ କରିଥିଲେ । ବୋଇତ ବନ୍ଦାଣ ଉତ୍ସବର ସମ୍ମନୟ କମିଟିର ମୁଖ୍ୟ ତଥା ଆବାହକ ବିଷ୍ଣୁଚରଣ ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଚୌଦ୍ୱାର ବୋଇତ ବନ୍ଦାଣ ଉତ୍ସବକୁ ଅଂଚଳବାସୀଙ୍କୁ ଉତ୍ସର୍ଗ କରିବା ସହିତ କିପରି ପୁର୍ବରୁ ଲଂଚ ଘାଟରେ ଡଙ୍ଗାରେ ସୁକୁଆ ବିକ୍ରୀ ଓ ଲକ୍ସ ଓ ହାଇଲେଭଲ ପୋଲ ଦେଇ ଡଙ୍ଗାରେ ବିବିନ୍ନ ବେପାରି ବ୍ୟବସାୟ କରୁଥିଲେ ଏହାର ସାମ୍ୟକ ଧାରଣା ଦେଇଥିଲେ । ମୁଖ୍ୟ ବକ୍ତାଭାବେ ସର୍ବଭାରତୀୟ ହିନ୍ଦ ସେବକ ସଂଘର ସଭାପତି ଦାମୋଦର ସାହୁ , ଶରତ ଚନ୍ଦ୍ର ଖୁଂଟିଆ , ପୌର

ନିର୍ବାହି ଅଧିକାରୀ ପବିତ୍ର ବେହେରା ,ଏପିଏସ.ଏସ. ର ସାଧାରଣ ସଂପାଦକ ଏସ.କେ.ଜାଭେଦ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ସ୍ମରଣିକା ଆ..କା..ମା..ବୈ..କୁ ଶ୍ରୀ ବିଶ୍ୱାଳ ଓ ଅତିଥିମାନେ ଉନ୍ମୋଚନ କରିଥିଲେ । ପ୍ରତିବର୍ଷ ପରି ଏବର୍ଷ ଚୌଦ୍ୱାର ସମ୍ମାନରେ ପ୍ରଧାନ ସାହିର ଏମ୍ବୁ ଡାକ୍ତରଖାନାରେ ଡାକ୍ତର ଭାବରେ କାର୍ଯ୍ୟରତ ଶୁଭସ୍ମିତା ନାୟକଙ୍କୁ ସମ୍ମାନୀତ କରାଯାଇଥିଲା । ପରେ ବରିଷ୍ଠ ପ୍ରଗତିବାଦୀ ସାମ୍ବାଦିକ ସୁଧାକର ମହାପାତ୍ର ,ଧରିତ୍ରୀ ସାମ୍ବାଦିକ ଆଶୁତୋଷ ଦାସ୍ ,ମାତୃଭାଷା ତଥା ବୈଦ୍ୟୁତିକ ସାମ୍ବାଦିକ ଶଙ୍କରଷଣ ମହାପାତ୍ର , ଅର୍ଗସର ସାମ୍ବାଦିକ ଅଜିତ କୁମାର ସ୍ୱାଇଁ ,ସମାଜସେବୀ ଯଶୋବନ୍ତ ପ୍ରଧାନଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ଓ ଅଂଚଳର ପ୍ରମୁଖ ସଂଗଠନ ହିସାବରେ ଜୟନ୍ତିନଗର ସଂଗଠନ ତରଫରୁ ନିହାର ରାଉତରାୟ ମାନପତ୍ର ଗ୍ରହଣ କରିଥିଲେ । ଏହାପରେ ବିରୂପା ନଦୀ କୂଳରେ ସମସ୍ତ ଅତିଥିମାନଙ୍କ ଉପସ୍ଥିତିରେ ସାଧବମାନଙ୍କୁ ସାଧବଣିମାନେ ବୋଇତରେ ଫେରିଲା ପରେ ବନ୍ଦାପନା କ୍ରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ବେହେରା, ଅଶୋକ ନାୟକ.ସୁଭେନ୍ଦୁ ସାମଲ , କରୁଣାକର ସାହୁ,ଅଜୟ ବେହେରା ,ସୁରେନ ବେହେରା ,ଶିବନାରାୟଣ ନାୟକ,ବିଷ୍ଣୁ ସାହୁ ପ୍ରଣବ ବିଶ୍ୱାଳ,ବଳରାମ ଲେଙ୍କା ,ସୁରେନ୍ଦ୍ର ସାହୁ,ଅକ୍ଷୟ ଫଗୁଣ,ଏସ.କେ.ଜହିର ଅହମଦ, ଜୟଲକ୍ଷ୍ମି ସେଠୀ ,ସ୍ମୃତିମିନାର ବେହେରା ,ପ୍ରଭାତ ଲେଙ୍କା ,କାର୍ତିକେଶ୍ୱର ବେହେରା ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକଙ୍କୁ କମ୍ବଳ ବଣ୍ଟନ

॥ ପ୍ରଭାନ୍ୟୁଜ ॥ କଟକ, ୧୨।୧୧: ମହାନଗର ନିଗମ ଅର୍ନ୍ତଗତ ୩୪ନଂ ୱାଡସ୍ଥିତ ମାଛୁଆ ବଜାରଠାରେ ଥିବା ଶଶୀକଳା ପ୍ୟାଲେସଠାରେ ପବିତ୍ର କାର୍ତୀକ ପୂର୍ଣ୍ଣମୀ ଅବସରରେ ମାଛୁଆ ବଜାରର ପୂର୍ବତନ ପଂଚାୟତ କମିଟିର ଆଜିବନ ସଭାପତି ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସ୍ୱର୍ଗତ କାର୍ତିକ ଚନ୍ଦ୍ର ସାହୁଙ୍କ ଜନ୍ମ ଦି